ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୫, ନଭେମ୍ବର ୧୪

# ଜବାହାରଲାଲ ନେହେରୁ ଏବଂ ଶିଶୁ ଦିବସ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ନଭେମ୍ବର ୧୪ ତାରିଖ ହେଉଛି ଭାରତରେ ଏକ ବିଶେଷ ଦିନ, ଯାହାକି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଜନ୍ମବାର୍ଷିକୀ । ଏହି ଦିନକୁ ଶିଶୁ ଦିବସ ଭାବରେ ପାଳନ କରାଯାଏ, ଯାହା ନେହେରୁଙ୍କ ପିଲାମାନଙ୍କ ପ୍ରତି ପ୍ରେମ ଏବଂ ସେମାନଙ୍କ ପାଇଁ ଏକ ଉନ୍ନତ ଭବିଷ୍ୟତ ପାଇଁ ତାଙ୍କ ଦୃଷ୍ଟିକୋଣକୁ ଶ୍ରଦ୍ଧାଞ୍ଜଳି । ନେହେରୁଙ୍କ ପିଲାମାନଙ୍କ ପ୍ରତି ପ୍ରେମ : ନେହେରୁ ପିଲାମାନଙ୍କ ପ୍ରତି ତାଙ୍କର ସ୍ନେହ ପାଇଁ ଜଣାଶୁଣା ଥିଲେ । ସେ ବିଶ୍ୱାସ କରୁଥିଲେ ଯେ ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ ଏବଂ ସେମାନଙ୍କୁ ଏକ ପାଳନ ପୋଷଣ ପରିବେଶରେ ବଢିବା ଏବଂ ବିକାଶ କରିବାର ସୁଯୋଗ ଦିଆଯିବା ଉଚିତ । ପିଲାମାନଙ୍କ ପ୍ରତି ନେହେରୁଙ୍କ ପ୍ରେମ ସେମାନଙ୍କ ସହିତ ତାଙ୍କର ଆଲୋଚନାରେ ସ୍ପଷ୍ଟ ଥିଲା, ଏବଂ ସେ ପ୍ରାୟତଃ ସ୍କୁଲ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଗସ୍ତ ସମୟରେ ପିଲାମାନଙ୍କ ସହିତ ସମୟ ବିତାଉଥିଲେ । ନେହେରୁଙ୍କ ପିଲାମାନଙ୍କ ପ୍ରତି ପ୍ରେମ କେବଳ ତାଙ୍କର ବ୍ୟକ୍ତିଗତ ଆଲୋଚନା ପର୍ଯ୍ୟନ୍ତ ସୀମିତ ନଥିଲା । ସେ ପିଲାମାନଙ୍କ ପାଇଁ ଏକ ଉନ୍ନତ ଭବିଷ୍ୟତ ସୃଷ୍ଟି କରିବା, ସେମାନଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ସମର୍ଥନ କରିବା ପାଇଁ ମଧ୍ୟ କାର୍ଯ୍ୟ କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ଶିକ୍ଷା ପିଲାମାନଙ୍କର ସମ୍ଭାବନାକୁ ଉନ୍ମୁକ୍ତ କରିବାର ପ୍ରମୁଖ କାରଣ ଏବଂ ସମସ୍ତଙ୍କ ପାଇଁ ଶିକ୍ଷାକୁ ସୁଗମ କରିବା ପାଇଁ କାର୍ଯ୍ୟ କରିଥିଲା । ସାରା ଭାରତରେ ଶିଶୁ ଦିବସ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଏ । ସ୍କୁଲ ଏବଂ ସଂଗଠନଗୁଡିକ ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡା ଏବଂ ବିତର୍କ ସହିତ ବିଭିନ୍ନ କାର୍ଯ୍ୟକଳାପ ଆୟୋଜନ କରନ୍ତି, ଯାହା ଦ୍ୱାରା ଦିନଟି ଶିଶୁଙ୍କ ଅଧିକାର ଏବଂ କଲ୍ୟାଣର ଗୁରୁତ୍ୱକୁ ସ୍ୱୀକାର କରାଯାଏ । ଶିଶୁ ଦିବସ ପାଳନ କେବଳ ସ୍କୁଲ ଏବଂ ସଂଗଠନ ମଧ୍ୟରେ ସୀମିତ ନୁହେଁ । ସମ୍ପ୍ରଦାୟଗୁଡିକ ଏହି ଦିବସକୁ ପାଳନ କରିବା ପାଇଁ ଏକାଠି ହୁଅନ୍ତି ଶିଶୁଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରୁଥିବା କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପ ସହିତ । ଏହି ଦିବସଟି ଶିଶୁଙ୍କ ଅଧିକାର ଏବଂ କଲ୍ୟାଣ ସହିତ ଜଡିତ ପ୍ରସଙ୍ଗ ଉପରେ ଆଲୋଚନା ଏବଂ ବିତର୍କ ଦ୍ୱାରା ମଧ୍ୟ ଚିହ୍ନିତ ହୁଏ । ନେହେରୁ ବିଶ୍ୱାସ କରୁଥିଲେ ଯେ ପିଲାମାନଙ୍କୁ ସେମାନଙ୍କର ଦକ୍ଷତା ଏବଂ ପ୍ରତିଭା ବିକାଶ କରିବାର ସୁଯୋଗ ଦିଆଯିବା ଉଚିତ । ସେ ଶିକ୍ଷାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପିଲାମାନଙ୍କୁ ସେମାନଙ୍କର ସ୍ୱପ୍ନ ପୂରଣ କରିବାକୁ ଉତ୍ସାହିତ କରିଥିଲେ । ପିଲାମାନଙ୍କ ପାଇଁ ନେହେରୁଙ୍କ ଦୃଷ୍ଟିକୋଣ ତାଙ୍କ ନୀତିରେ ପ୍ରତିଫଳିତ ହୋଇଥିଲା, ଯାହାର ଲକ୍ଷ୍ୟ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଥିଲା । ପିଲାମାନଙ୍କ ପାଇଁ ନେହେରୁଙ୍କ ଦୃଷ୍ଟିକୋଣ କେବଳ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ସୀମିତ ନଥିଲା । ସେ ପିଲାମାନଙ୍କୁ ଏକ ସୁରକ୍ଷିତ ଏବଂ ପୋଷଣୀୟ ପରିବେଶ ପ୍ରଦାନ କରିବାର ଗୁରୁତ୍ୱ ଉପରେ ମଧ୍ୟ ବିଶ୍ୱାସ କରୁଥିଲେ ଯେଉଁଠାରେ ସେମାନେ ବଢିପାରିବେ ଏବଂ ବିକାଶ କରିପାରିବେ । ସେ ଏପରି ସମାଜ ଗଠନ କରିବା ଦିଗରେ କାର୍ଯ୍ୟ କରିଥିଲେ ଯାହା ପିଲାମାନଙ୍କୁ ମୂଲ୍ୟ ଦିଏ ଏବଂ ସେମାନଙ୍କୁ ସଫଳ ହେବାର ସୁଯୋଗ ପ୍ରଦାନ କରେ । ଶିଶୁ ଦିବସ ହେଉଛି ଶିଶୁଙ୍କ ଅଧିକାର ଏବଂ କଲ୍ୟାଣର ଗୁରୁତ୍ୱକୁ ଚିହ୍ନିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବସର । ଏହି ଦିନଟି ପିଲାମାନଙ୍କୁ ଏକ ନିରାପଦ ଏବଂ ପୋଷଣୀୟ ପରିବେଶ ପ୍ରଦାନ କରିବାର ଆବଶ୍ୟକତାକୁ ସ୍ମରଣ କରାଇଥାଏ, ଯେଉଁଠାରେ ସେମାନେ ବଢିପାରିବେ ଏବଂ ବିକାଶ କରିପାରିବେ । ଶିଶୁ ଦିବସ ମଧ୍ୟ ଶିଶୁମାନଙ୍କ ଅଧିକାର ଏବଂ କଲ୍ୟାଣ ହାସଲ ଦିଗରେ ହୋଇଥିବା ଅଗ୍ରଗତି ଉପରେ ପ୍ରତିଫଳିତ କରିପାରିବ ଏକ ସୁଯୋଗ । ଏହା ପିଲାମାନଙ୍କ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡିକୁ ସ୍ୱୀକାର କରିବା ଏବଂ ସେମାନଙ୍କ ପାଇଁ ଏକ ଉନ୍ନତ ଭବିଷ୍ୟତ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିବାର ଏକ ଦିନ । ନେହେରୁଙ୍କ ଐତିହ୍ୟ ଭାରତୀୟ ଏବଂ ବିଶ୍ୱର ଲୋକମାନଙ୍କୁ ଅନୁପ୍ରାଣୀତ କରିଆସୁଛି । ଏକ ଆଧୁନିକ ଏବଂ ଗଣତାନ୍ତ୍ରିକ ଭାରତ ପାଇଁ ତାଙ୍କର ଦୃଷ୍ଟିକୋଣ, ଯେଉଁଠାରେ ପିଲାମାନେ ଶିକ୍ଷା ଏବଂ ସୁଯୋଗ ପାଇପାରିବେ, ଆଜି ମଧ୍ୟ ପ୍ରାସଙ୍ଗିକ । ନେହେରୁଙ୍କ ଐତିହ୍ୟ ଭାରତ ବାହାରେ ବିସ୍ତାରିତ, କାରଣ ସେ ବିଶ୍ୱର କାର୍ଯ୍ୟସୂଚୀ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ଅସହଯୋଗ ଆନ୍ଦୋଳନ ଗଠନରେ ଜଣେ ପ୍ରମୁଖ ବ୍ୟକ୍ତି ଥିଲେ ଏବଂ ଦେଶମାନଙ୍କ ମଧ୍ୟରେ ଶାନ୍ତି ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଶେଷରେ, ଜବାହାରଲାଲ ନେହେରୁଙ୍କ ଶିଶୁମାନଙ୍କ ପ୍ରତି ପ୍ରେମ ଭାରତର ଏକ ଉନ୍ନତ ଭବିଷ୍ୟତ ପାଇଁ ତାଙ୍କ ଦୃଷ୍ଟିକୋଣର ପ୍ରମାଣ । ଶିଶୁ ଦିବସ ଶିଶୁ ଅଧିକାର ଏବଂ କଲ୍ୟାଣର ଗୁରୁତ୍ୱକୁ ସ୍ମରଣ କରାଇଥାଏ, ଏବଂ ଆମକୁ ସେମାନଙ୍କ ବୃଦ୍ଧି ଏବଂ ବିକାଶ ପାଇଁ ଏକ ସୁରକ୍ଷିତ ଏବଂ ପୋଷଣୀୟ ପରିବେଶ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିବାକୁ ପଡିବ । ଶିଶୁ ଦିବସ ପାଳନ କରିବା ସମୟରେ, ଆମକୁ ଏକ ଆଧୁନିକ ଏବଂ ଗଣତାନ୍ତ୍ରିକ ଭାରତ ପାଇଁ ନେହେରୁଙ୍କ ଦୃଷ୍ଟିକୋଣକୁ ମଧ୍ୟ ମନେ ରଖିବାକୁ ପଡିବ, ଯେଉଁଠାରେ ପିଲାମାନେ ଶିକ୍ଷା ଏବଂ ସୁଯୋଗ ପାଇପାରିବେ । ଆମକୁ ଏପରି ଏକ ସମାଜ ଗଠନ କରିବା ପାଇଁ କାମ କରିବାକୁ ପଡିବ ଯାହା ପିଲାମାନଙ୍କୁ ମୂଲ୍ୟ ଦିଏ ଏବଂ ସେମାନଙ୍କୁ ସଫଳ ହେବାର ସୁଯୋଗ ପ୍ରଦାନ କରେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଥିଲେ ଯିଏ ଦେଶର ଭାଗ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ଜୀବନ, ଦର୍ଶନ ଏବଂ ନୀତିଗୁଡିକ ଭାରତୀୟ ଏବଂ ବିଶ୍ୱର ଲୋକମାନଙ୍କୁ ଅନୁପ୍ରାଣୀତ କରିଆସୁଛି । ଏହି ପ୍ରବନ୍ଧ ନେହେରୁଙ୍କ ଜୀବନ, ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଏବଂ ଏକ ଆଧୁନିକ ଏବଂ ଗଣତାନ୍ତ୍ରିକ ଭାରତ ପାଇଁ ତାଙ୍କର ଦୃଷ୍ଟିକୋଣକୁ ପରଖିବ । ନେହେରୁ ନଭେମ୍ବର ୧୪, ୧୮୮୯ରେ ଆଲାହାବାଦରେ ଏକ ପ୍ରମୁଖ କାଶ୍ମୀର ପଣ୍ଡିତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ମୋତିଲାଲ ନେହେରୁ ଜଣେ ସଫଳ ଓକିଲ ଥିଲେ ଏବଂ ତାଙ୍କ ମାତା ସ୍ୱରୂପରାଣୀ ଥୁସୁ ଜଣେ ଗୃହିଣୀ ଥିଲେ । ନେହେରୁଙ୍କ ପ୍ରାରମ୍ଭିକ ଶିକ୍ଷା କେମ୍ବ୍ରିଜର ହାରୋ ଏବଂ ଟ୍ରିନିଟି କଲେଜରେ ହୋଇଥିଲା, ଯେଉଁଠାରେ ସେ ପାଶ୍ଚାତ୍ୟ ଚିନ୍ତାଧାରା ଏବଂ ମୂଲ୍ୟବୋଧ ସହିତ ପରିଚିତ ହୋଇଥିଲେ । ତାଙ୍କୁ ୧୯୧୨ରେ ବାରକୁ ଡକାଯାଇଥିଲା ଏବଂ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେବା ପାଇଁ ଭାରତ ଫେରି ଆସିଥିଲେ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,୭୫୧୦୦୨
ମୋ.ନଂ-୭୯୭୮୬୬୬୪୦୩

# ନେହେରୁଙ୍କ ଶିଶୁବତ୍ସଳତାର ପ୍ରତୀକ ଶିଶୁଦିବସ

"ମରିବାକୁ ଚାହେଁ ମୁହିଁ ସୁନ୍ଦର ଭୁବନେ
ବଂଚିବାକୁ ଚାହେଁ ମୁହିଁ ଶିଶୁଙ୍କ ଗହଣେ" ।

ଉପରୋକ୍ତ ପଦ୍ୟାଂଶ ଥିଲା ପୃଥିବୀର ଅନ୍ୟତମ ଶ୍ରେଷ୍ଠ ରାଜନୀତିଜ୍ଞ ପଣ୍ଡିତ ଜବାହାରଲାଲ ନେହେରୁଙ୍କର ଯାହାଙ୍କ ହୃଦୟ ଥିଲା ଶିଶୁପରି ସ୍ୱଚ୍ଛ ଓ ନିର୍ମଳ । ହସ କାନ୍ଦର ଏକ ନୂତନ ଦୁନିଆରେ ସେ ବି ହୋଇ ଉଠୁଥିଲେ ଏକ ନୂତନ ଶିଶୁ । ଶିଶୁମାନେ ଥିଲେ ତାଙ୍କ ହୃଦୟର ଅନ୍ତରଙ୍ଗ ବନ୍ଧୁ । ଶିଶୁମାନଙ୍କ ଉଦ୍ଦେଶ୍ୟରେ ସେ ନିଜର ଜୀବନର କାହାଣୀ ଶୁଣାଇବାକୁ ଯାଇ କହିଛନ୍ତି:- "ତୁମ୍ଭମାନଙ୍କ ସହିତ ଗପକଲେ ମୁଁ ଜୀବନର ସକଳ ଦୁଃଖ ଭୂଲିଯାଏ । ମୁଁ ଭୂଲିଯାଏ ମୋର ବାର୍ଦ୍ଧକ୍ୟ । ମୋର ସୁନ୍ଦର ସରସ ଶୈଶବ ପୁଣିଥରେ ଫେରିଆସେ । ମୋର ସୁନ୍ଦର ଅତୀତ ବର୍ତ୍ତମାନ ଭଳି ମୋ ଆଗରେ ଦେଖାଦିଏ । ତୁମ୍ଭମାନଙ୍କର ସାନ୍ନିଧ୍ୟଲାଭରେ ମୁଁ ମୋର ଜଞ୍ଜାଳମୟ ଅଫିସ୍ କାମରୁ ଫେରି ଆସିଥାଏ । ଏଇ ସୁନ୍ଦର ପୃଥିବୀକୁ ଯେଉଁଠାରେ ଥାଏ ପ୍ରକୃତିର ଅପରୂପ କାନ୍ତିରେ ସୁନ୍ଦର ଫୁଲ, ଫଳ, ବୃକ୍ଷ, ଲତା, ବନ, ପର୍ବତ ତଥା ପକ୍ଷୀମାନଙ୍କ ସୁନ୍ଦର କାକଳୀର ସମାହାର ।

ନେହେରୁ ବୁଝିଥିଲେ, ଶିଶୁମାନେ ହେଉଛନ୍ତି ସରଳ, କୋମଳ ଓ ନିଷ୍ପାପ ହୃଦୟ । ଶିଶୁମାନଙ୍କଠାରୁ ପ୍ରକୃତରେ ଶାନ୍ତ ଓ ନୈସର୍ଗିକ ଆନନ୍ଦ ମିଳିଥାଏ । ସେଥିପାଇଁ ସେ ନିଜକୁ ଶିଶୁପରି ନିଷ୍ପାପ ଓ କୋମଳ ହୃଦୟ କରି ଗଢିଥିଲେ । ପ୍ରାଣଭରି ଶିଶୁମାନଙ୍କୁ ସେ ଭଲ ପାଉଥିଲେ । ଯାହାକୁ ଲକ୍ଷ୍ୟକରି ଜାତିର ପିତା ମହାତ୍ମାଗାନ୍ଧୀ କହିଥିଲେ । 'ନେହେରୁ ହେଉଛନ୍ତି ସ୍ଫଟିକ ପରି ସ୍ୱଚ୍ଛ' । ନେହେରୁଙ୍କର ଶିଶୁବତ୍ସଳତା ସମ୍ପର୍କରେ ଅନ୍ୟ ଏକ କଥା ଶୁଣାଯାଏ ତାଙ୍କର ଯାତ୍ରା ସମୟରେ ନିଜର କାର ଧକ୍କାରେ ନିହତ ଗୋଲାପ ନାମ୍ନୀ ଶିଶୁପାଇଁ ତାଙ୍କର ହୃଦୟ ମ୍ରିୟମାଣ ହୋଇଯାଇଥିଲା । ତାର ସ୍ମୃତିର ସ୍ମାରକୀରୂପେ ସାରା ଜୀବନ ସେ ନିଜର ପୋଷାକରେ ଗୋଲାପ ଫୁଲ ଧାରଣ କରି ତାକୁ ନିଜ ହୃଦୟ କନ୍ଦରରେ ସ୍ଥାନ ଦେଇଥିଲେ । ଶିଶୁମାନଙ୍କ ଦୃଷ୍ଟିରେ ସେ ପ୍ରଧାନମନ୍ତ୍ରୀ ନ ଥିଲେ ବା ନ ଥିଲେ ଭାରତ ତଥା ପୃଥିବୀର ରାଷ୍ଟ୍ରନାୟକ । ପିଲାମାନଙ୍କ ପାଇଁ ଥିଲେ ସେ ପ୍ରାଣପ୍ରିୟ ଚାଚା ନେହେରୁ ।

ସେହି ଚାଚା ନେହେରୁଙ୍କର ଜନ୍ମ ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ଆହ୍ଲାବାଦର ଆନନ୍ଦ ଭବନରେ ମାତା ସ୍ୱରୂପାରାଣୀ ଓ ପିତା ମୋତିଲାଲଙ୍କ କୋଳରେ ହୋଇଥିଲା । ପିତା ମୋତିଲାଲ ଥିଲେ ଜଣେ ଧନାଢ୍ୟ ବ୍ୟକ୍ତି ତଥା ମହାନ ଆଇନଜ୍ଞ ଓ ମାତା ଥିଲେ ଧର୍ମପ୍ରାଣ ମହିଳା । ୧୫ ବର୍ଷ ବୟସରେ ଉଚ୍ଚଶିକ୍ଷା ଲାଭପାଇଁ ସେ ଲଣ୍ଡନ ଯାତ୍ରା କରି ବିଖ୍ୟାତ ହାରୋସ୍କୁଲ ଓ କେମ୍ବ୍ରିଜ୍ର ଟ୍ରିନିଟ୍ କଲେଜରେ ଅଧ୍ୟୟନ କରିବା ସହ ଓକିଲାତି ପାଶ୍‌କରି ବାରିଷ୍ଟର ମଧ୍ୟ ହୋଇଥିଲେ । ଭାରତ ପ୍ରତ୍ୟାବର୍ତ୍ତନପରେ ଗାନ୍ଧୀଙ୍କ ନେତୃତ୍ୱରେ ଆଫ୍ରିକାରେ ସଂଘଠିତ ଘଟଣାବଳୀ ଓ ଭାରତର ଘଟଣାମାନ ଖବରକାଗଜରୁ ପଢିବାସହ ଗାନ୍ଧୀଙ୍କ ଅହିଂସା ନୀତି ପ୍ରତି ଆକୃଷ୍ଟ ହୋଇ ସ୍ୱାଧିନତା ସଂଗ୍ରାମରେ ସାମିଲ ହୋଇଥିଲେ ।


ଉମାଶଙ୍କର ପ୍ରସାଦ

୧୯୧୮ରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା । ୧୯୨୧ରେ ସୋଭିଏତ୍ ରୁଷ ଉପରେ ପୁସ୍ତକ ଲେଖି ବନ୍ଦୀ ହୋଇଥିଲେ । ଏବଂ ପରେ ମୁକ୍ତ ହୋଇଥିଲେ ପୁନର୍ବାର ୧୯୨୨ରେ ବନ୍ଦୀ ଜୀବନଯାପନ କରିଥିଲେ । ୧୯୨୯ରେ କଂଗ୍ରେସର ସାଧାରଣ ସଂପାଦକ ତଥା ସଭାପତି ହୋଇଥିଲେ । ୧୯୩୦ରେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ବନ୍ଦୀ ହୋଇ ୧୯୩୨ରେ ମୁକ୍ତ ହୋଇଥିଲେ ଏବଂ ୧୯୩୪ରେ ମାତ୍ର ଦିନକ ପାଇଁ ଖଲାସ ହୋଇଥିଲେ । ପରେ ୧୯୩୬ ଓ ୧୯୩୭ରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ । ୧୯୪୦ ଓ ୧୯୪୧ରେ ସେ କାରାବରଣ କରିଥିଲେ । ୧୯୪୭ ଅଗଷ୍ଟ ୧୫ରେ ଦେଶ ସ୍ୱାଧିନ ହେଲା ଏବଂ ପଣ୍ଡିତ ଜବାହାରଲାଲ ନେହେରୁ ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ । ଭାରତର ପ୍ରଧାନମନ୍ତ୍ରୀ ହିସାବରେ ତାଙ୍କର ସ୍ଥାନ ଥିଲା ଅଦ୍ୱିତୀୟ । ସଫଳତାର ସହ ସେ ୧୮ବର୍ଷ ଭାରତରେ ଶାସନ କରିଥିଲେ । 'ପଂଚଶୀଳ' ନୀତି ପୃଥିବୀକୁ ତାଙ୍କର ପ୍ରଧାନ ଅବଦାନ । ପୃଥିବୀରେ ଶାନ୍ତି ପ୍ରତିଷ୍ଠାପାଇଁ ସେ ଜାତିସଂଘରେ ନିଜର ମତ ଉପସ୍ଥାପନ କରିଥିଲେ । ମହାତ୍ମାଗାନ୍ଧୀଙ୍କ ପରେ ନେହେରୁ ଭାରତର ସର୍ବାଧିକ ଜନପ୍ରିୟ ନେତାଥିଲେ ।

ଜନ୍ମ ଆଉ ମୃତ୍ୟୁ ମଣିଷପାଇଁ ଚିରନ୍ତନ ସତ୍ୟ । ଯେଉଁ ବ୍ୟକ୍ତି ଈଶ୍ୱର ଆଶିର୍ବାଦ ନେଇ ଜନ୍ମ ଗ୍ରହଣ କରିଥାଏ । ସେ ଦେଶ ଓ ଦଶର ମୁଖ ଉଜ୍ଜ୍ୱଳ କରିଥାଏ । ନିଜର ସାଧନା ଓ କର୍ମବଳରେ ସେ କାଳଜୟୀ ହୋଇଯାଏ । ମର ଦେହରେ ପାଲଟିଯାଏ ଅମର ମଣିଷ । ସେ ପରି ମଣିଷଙ୍କ ଜନ୍ମ ଓ ମୃତ୍ୟୁ ମାନବ ସମାଜପାଇଁ ହୋଇଯାଏ ସ୍ମରଣୀୟ ଦିବସ । ଭାରତ ତଥା ପୃଥିବୀରେ ଏହିପରି ବହୁ ସ୍ମରଣୀୟ ଦିବସ ପାଳନ କରାଯାଉଛି । ଠିକ୍ ସେହିପରି ନେହେରୁଙ୍କ ଜନ୍ମ ଦିନକୁ ଶିଶୁମାନଙ୍କର ଅତି ପ୍ରିୟ ହୋଇଥିବା ଯୋଗୁଁ "ଶିଶୁ ଦିବସ"ଭାବେ ପାଳନ କରାଯାଉଛି । ସେ କହୁଥିଲେ ଆଜି ଯେ ଶିଶୁ ଭବିଷ୍ୟତରେ ସେ ହେବ ଦେଶର ନାଗରିକ ଓ କର୍ଣ୍ଣଧାର । ଶିଶୁମାନେ ହେଉଛନ୍ତି ଦେଶର ପ୍ରଗତି ଓ ଶକ୍ତି । ଦେଶର ସାମଗ୍ରିକ ବିକାଶ ଶିଶୁମାନଙ୍କ ଉପରେ ନିର୍ଭରଶୀଳ । ସୁତରାଂ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ବିଧାନ ଜାତିର ପରମ କର୍ତବ୍ୟ । ସେ କହିଥିଲେ " ଜାତିର ଭବିଷ୍ୟତ ନାଗରିକ ଶିଶୁମାନଙ୍କ ପ୍ରତି ଅବହେଳା ଏକ ଅକ୍ଷମଣୀୟ ଜାତୀୟ ଅପରାଧ" ତେଣୁ ଶୈଶବରୁ ଶିଶୁମାନଙ୍କ ସୁଗୁଣ ବିକାଶପ୍ରତି ଧ୍ୟାନ ଦେବା ଉଚିତ୍ । ମାତ୍ର ଦୁଃଖର ସହ କହିବାକୁ ପଡୁଛି ସ୍ୱାଧିନତାର ୭୮ ବର୍ଷପରେ ମଧ୍ୟ ଆମ ଦେଶରେ ଶିଶୁ ଆଜି ଶ୍ରମିକ ସାଜିବାସହ ଅବହେଳିତ । କି ଲାଭ ଏ ଶିଶୁଦିବସ ପାଳିବାରେ । ଏ ସବୁ ଦେଖି ନେହେରୁଙ୍କର ଆତ୍ମା କଣ ବିକଳ ନ ଥିବ? ଏ ପ୍ରଶ୍ନ ଶିଶୁମାନଙ୍କ ପ୍ରତି ଏପରି ଅସଦାଚାରଣ କରୁଥିବା ବଡ଼ବଡ଼ିଆଙ୍କ ପ୍ରତି । ମିଳିତ ଜାତିସଂଘ ଶିଶୁମାନଙ୍କ ସାମଗ୍ରିକ କଲ୍ୟାଣ ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ତାର ସୁଯୋଗ ନେବା ସହ ଶିଶୁ ଦିବସର ମହତ ଉଦ୍ଦେଶ୍ୟକୁ ଉଭୟେ ଜନସାଧାରଣ ତଥା ଜନ ନେତା ହୃଦୟଙ୍ଗମ କରିପାରିଲେ ବିଶ୍ୱ ଶିଶୁ ଦିବସ ପାଳନର ଯଥାର୍ଥ ସାର୍ଥକ ହେବ ।

*ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ଖୋର୍ଦ୍ଧା*
*ମୋ.ନଂ-୬୩୭୦୬୭୫୫୬୨*

# ଚାଚା ନେହେରୁ


ଅକ୍ଷୟ କୁମାର ରାଉତ

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ । ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି । ଏତ ପୋକ ମାଛିର ଜୀବନ । ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ । ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ । ଏମିତି ଜୀବନ ଥିଲା ଜବାହାରଲାଲାଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସଂାନ ଜନ୍ମ ଲାଭ କଲା । ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ । ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର । 'ଆନନ୍ଦ ଭବନ' ରେ ଜବାହାରଲାଲ ଖୁସୀରେ ବଢିବାକୁ ଲାଗିଲେ । ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣି । ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା । ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିଂା କରୁଥିଲେ । ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ । ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ । ସେଠି ସେ ବିଜ୍ଞାନ ପଢିଲେ, କେମେଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ । ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ । ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ , ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା । ସେ ଝରଣା ସ୍ରୋତରେ ଭାସିଗଲେ । ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠାଇଲେ । ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ । ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତିର୍ଣ୍ଣ ହେଲେ । ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ । ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ । ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ । ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ ' ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ' ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି ? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର । ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳାକୁ ପୁତ୍ରବଧୂ କରିବାକୁ ସ୍ଥିର କଲେ । ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ । ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସଂୋଷ ଭରି ହୋଇଗଲା । ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା । ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା । ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା । ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା । କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା । ଯାର ନାମ ଦିଆଗଲା ଇନ୍ଦିରା । ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ । ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ । ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ । ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା । ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ । ଡ଼ାୟାର ସାହେବ ପାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ । ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା ।

ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟୁ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ । ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା । କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ । ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ । ଜେନେଭା ଠାରେ କିଛି ଦିନ ରହିଲେ । ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ । ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ । ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା । ତଥାପି ସେମାନେ ଋଷ୍‌ରେ ଚାରି ଦିନ ରହିଗଲେ । କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ ।

ପାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ । ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଈଙ୍କ ଭଳି ଲାଠିରେ ମାଡ ଦେଲେ । ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ । ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା । ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ । ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚାରି ଆଡେ ପ୍ରଚାରିତ ହୋଇଗଲା । ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ । ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ । ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ । ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା । ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ । କଂଗ୍ରେସର କଲିକତା ଅଧିବେସନରେ ଏକ ସୁତ୍ର ବାହାରିଲା । କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ ଦାବି କରାଯିବ । ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ । ମୋତିଲାଲ ସ୍ୱରାଜ ଦଳ ଗଠନ କଲେ । ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ । ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା । ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ । କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ ଆନ୍ଦୋଳନ ଆରମ୍ଭ କରିଦେଲେ । ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖ କୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ । ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର । ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା । ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ । ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା । ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ । କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ । ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ । ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ । ୧୯୩୦ ନଭେମ୍ବର ୧୪ ତାରିଖ ରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା । ଜହର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ । ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା । କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହର ଲାଲ ଅନଶନ ଆରମ୍ଭ କରିଦେଲେ । ବେତ୍ରାଘାତ ସ୍ଥଗିତ ହେଲା । ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ । ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା । କମଳା ନେହେରୁ ଆନ୍ଦୋଳନରେ ଯୋଗ ଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ । ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ । ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା । ଜାଲିଆନାଓ୍ୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା । ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ । ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା । ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ । କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ । ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ । ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ । ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ । ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା । ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା । ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା । ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା । ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିଂାକଲେ । ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା । ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ । ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ । ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମୁର ହୋଇଗଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ । ରାଷ୍ଟ୍ରର ଶାଂି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ । ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି । ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ । ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାଂ ହୋଇଗଲା । ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ ।

ପାରାଦ୍ୱୀପ ଗଡ଼, କୁଜଙ୍ଗ ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ସ୍ୱାଧିନ ଭାରତର ଶିଳ୍ପକାର ଥିଲେ ନେହେରୁ


ଗୋପାଳ ମହାପାତ୍ର

ପଣ୍ଡିତ ଜବାହାରଲାଲ ନେହେରୁ ସ୍ୱାଧିନତା ସଂଗ୍ରାମର ମହାନାୟକ ମାନଙ୍କ ମଧ୍ୟରୁ ଅନ୍ୟତମ ଯିଏ କେବଳ ଭାରତର ସ୍ୱାଧିନତା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ତା ନୁହେଁ ବରଂ ବିଶ୍ୱରେ ଭାରତର ପ୍ରତିଷ୍ଠା ବଢ଼ାଇ ପାରିଥିଲେ । ୧୬ବର୍ଷ କାଳ ପ୍ରଧାନମନ୍ତ୍ରୀ ରହି ପଣ୍ଡିତ ନେହେରୁ ନବଅର୍ଜିତ ସ୍ୱାଧିନତା କୁ ସୁଗଠିତ କରିଥିଲେ ଏବଂ ଦେଶରେ ଶିଳ୍ପାୟନର ଭି ି ଭୂମି ପ୍ରତିଷ୍ଠା କରିଥିଲେ । ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଦେଶରେ ଅନେକ କଳ କାରଖାନା ଗଢି ଉଠିଥିଲା । ପିତା ମୋତିଲାଲ ନେହେରୁ ଜବାହାରଲାଲଙ୍କୁ ଉଚ୍ଚଶିକ୍ଷା ପାଇଁ ବିଲାତ (ଇଂଲଣ୍ଡ) ପଠାଇଥିଲେ । ବାରିଷ୍ଟରୀ, ପରିକ୍ଷାରେ ଉ ୀର୍ଣ୍ଣ ହେବାପରେ ୧୯୧୨ ମସିହାରେ ଜବାହାରଲାଲ ଭାରତକୁ ଫେରି ଓକିଲାତି ଆରମ୍ଭ କରିଥିଲେ ଓ କିଛି ଦିନପରେ ଦେଶର ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇଥିଲେ । ୧୯୧୬ରେ ନେହେରୁଙ୍କ ସହ ଗାନ୍ଧୀଙ୍କର ଭେଟ ହୋଇଥିଲା ଲକ୍ଷ୍ନୌ କଂଗ୍ରେସ ଅଧିବେଶନରେ । ୧୯୧୯ରେ ହୋଇଥିବା ପ୍ରଥମ ବିଶ୍ୱଯୁଦ୍ଧ ପରେ କଂଗ୍ରେସ ପାର୍ଟି ପ୍ରତି ନେହେରୁ ଆକର୍ଷିତ ହୋଇଥିଲେ । ଜାଲିଆନାବାଲାବାଗ୍ ହତ୍ୟାକାଣ୍ଡ ଘଟଣାରେ ସେ ଦେଶବନ୍ଧୁ ଚି ରନ ଦାଶ ଏବଂ ମହାତ୍ମା ଗାନ୍ଧୀଙ୍କ ସହଯୋଗୀ ଥିଲେ । ୧୯୨୧ ରେ ପ୍ରଥମଥର ପାଇଁ ଜେଲ ଯାଇଥିଲେ । ଜେଲରୁ ଫେରିବା ପରେ ସେ କଂଗ୍ରେସର କାର୍ଯ୍ୟକ୍ରମରେ ଅଧିକ ସକ୍ରିୟ ହୋଇଥିଲେ ।

୧୯୨୪ ମସିହାରେ ନେହେରୁ କଂଗ୍ରେସ ପାର୍ଟିର ମହାମନ୍ତ୍ରୀ ହୋଇଥିଲେ । ୧୯୨୯ରେ ସେ ଯେତେବେଳେ କଂଗ୍ରେସର ଅଧ୍ୟକ୍ଷ ହେଲେ ସେତେବେଳେ ରାବିନଦୀ କୂଳରେ କଂଗ୍ରେସର ଏକ ଅଧିବେଶନରେ ପ୍ରସ୍ତାବ ଗୃହୀତ ହୋଇଥିଲା ଯେ 'ଭାରତର ଲୋକ ଅନ୍ୟ ଦେଶ ଭଳି ସ୍ୱାଧିନ ହୋଇ ରହିବାକୁ ନିଜର ଜନ୍ମସିଦ୍ଧ ଅଧିକାର ବୋଲି ଭାବୁଛନ୍ତି । ଲୋକେ ନିଜର ପରିଶ୍ରମର ଫଳ ନିଜେ ଭୋଗ କରିବାକୁ ଚାହୁଁଛନ୍ତି, ସେମାନଙ୍କ ଜୀବନ ନିର୍ବାହ ପାଇଁ ଆବଶ୍ୟକ ସୁବିଧା ମିଳିବା ଚାହାଁନ୍ତି ଯାହା ସେମାନଙ୍କ ବିକାଶ ପାଇଁ ଅବସର ସୃଷ୍ଟି କରିବ,' ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧିନ ହେଲା ଏବଂ ନେହେରୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ । ସ୍ୱାଧିନତାକୁ ଅନ୍ତିମ ପର୍ଯ୍ୟନ୍ତ ପହ ାଇବା ତାଙ୍କର ଲକ୍ଷଥିଲା । ଦେଶ ସ୍ୱାଧିନ ହେବାପରେ ସେ ଦେଶରେ ପ୍ରଥମ ଏସୀୟ କନଫରେନ୍ସର ଆୟୋଜନ କରାଇଥିଲେ ଓ କହିଥିଲେ ଯେ ଭାରତର (ଆମର) ଉଦେଶ୍ୟ ହେଉଛି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଏବଂ ବିକାଶ । ନେହେରୁଙ୍କ ବିଚାର ଆଫ୍ରିକାରେ ସ୍ୱାଧିନତା ସଂଗ୍ରାମକୁ ଜନ୍ମ ଦେଇଥିଲା । ନେହେରୁ ଉ ରରେ ୧୦ ବର୍ଷ କହିଥିଲେ । ଚର୍ଚ୍ଚିଲ ପୁଣି କହିଥିଲେ ଯେ ଆପଣଙ୍କ ପ୍ରତି କରାଯାଇଥିବା ବ୍ୟବହାର କାରଣରୁ ଆପଣ ଆମକୁ ଘୃଣା କରିବା କଥା । ନେହେରୁ ଚର୍ଚ୍ଚିଲଙ୍କ ଏଭଳି ପ୍ରଶ୍ନର ଉ ରରେ କହିଥିଲେ ଯେ 'ଆମ ଏମିତି ଜଣେ ନେତାଙ୍କ ନେତୃତ୍ୱରେ କାମ କରୁଥିଲୁ ଯିଏ ଆମକୁ ଶିଖାଇଥିଲେ – କାହାରିକୁ ଡ଼ର ନାହିଁ, କାହାରିକୁ ଘୃଣା କରନାହିଁ । ଆମେ ସେ ସମୟରେ ଆପଣଙ୍କୁ (ଇଂରେଜମାନଙ୍କୁ) ଡ଼ରୁନଥିଲୁ ଏଣୁ ଘୃଣାମଧ କରୁ ନଥିଲୁ' । ନେହେରୁଙ୍କ ଉ ର ଶୁଣି ଚର୍ଚ୍ଚିଲ ଆଚମ୍ଭିତ ହୋଇ ଯାଇଥିଲେ ।

ନେହେରଙ୍କ ସାରା ଜୀବନ ହେଉଛି ମାନବତାର ସେବାର ଅବସ୍ମରଣୀୟ କାହାଣୀ । ନେହେରୁଙ୍କର ଆତ୍ମବିଶ୍ୱାସ ଅଧିକ ଥିଲା । ୧୯୩୮ରେ ସ୍ପେନରେ ଗୃହଯୁଦ୍ଧ ଚାଲିଥିବାବେଳେ ସେ ସ୍ପେନ ଗସ୍ତରେ ଯାଇଥିଲେ । ୧୯୩୯ସେ ଚୀନ ଯାଇଥିଲେ । ସେତେବେଳେ ଚୀନରେ ମଧ୍ୟ ଅବସ୍ଥା ଭୟଙ୍କର ଥିଲା । ୧୯୫୪ରେ ନେହେରୁ ପ ଶୀଳ ଏବଂ ସହ ଅସ୍ତିତ୍ୱର ସ୍ଲୋଗାନ ଦେଇଥିଲେ । ନେହେରୁ ସେ ସମୟରେ ବିଶ୍ୱର ଦୁଇ ମହାଶକ୍ତି ଆମେରିକା ଓ ରୁଷିଆ କାହାରି ଗୋଡ଼ାଣିଆ ହେବାକୁ ପସନ୍ଦ କରିନଥିଲେ । ସେ ଗୋଷ୍ଠୀ ନିରପେକ୍ଷ ଏବଂ ପ ଶୀଳ ସିଦ୍ଧାଂକୁ ପାଳନକରି ବିଶ୍ୱବନ୍ଧୁତ୍ୱ ଓ ବିଶ୍ୱଶାଂି ପାଇଁ ଏକ ନୂଆ ସୁତ୍ର ପ୍ରଦାନ କରିଥିଲେ । ମାର୍ଶାଲ ଟିଟୋ ଏବଂ ଅବଦୁଲ ଗମାଲଙ୍କ ସହ ମିଶି ଏସିଆ ଓ ଆଫ୍ରିକାରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ପାଇଁ ଭି ି ଭୂମି ପ୍ରସ୍ତୁତ କରିଥିଲେ । ଏତଦ୍ ବ୍ୟତୀତ କୋରିଆ ଯୁଦ୍ଧ ବନ୍ଦ କରିବା, ସୁଏଜ କେନାଲ ବିବାଦର ସମାଧାନ ଏବଂ କଙ୍ଗୋ ବୁଝାବଣା ଭଳି ଆଂର୍ଯାତୀୟ ସମସ୍ୟାର ସମାଧାନ ପାଇଁ ସେ ଉଦ୍ୟମ କରିଥିଲେ । ଏକଥା ସତ୍ୟ ଯେ ପାକିସ୍ଥାନ ଏବଂ ଚୀନ ସହ ଭାରତର ବିବାଦକୁ ସମାଧାନ କରିବା ଦିଗରେ ନେହେରୁ ସଫଳ ହୋଇନଥିଲେ । କିନ୍ତୁ ଏଥିପାଇଁ କେବଳ ନେହେରୁଙ୍କୁ ଦାୟୀ କରାଯାଇପାରିବ ନାହିଁ । ପାକିସ୍ଥାନ ଏବଂ ଚୀନ ସମସ୍ୟାର ସମାଧାନ ପାଇଁ ଆଗ୍ରହ ପ୍ରକାଶ କରିନଥିଲେ । ଏବେବି ଏଦୁଇ ଦେଶର ମାନସିକତା ପୂର୍ବଭଳି ରହିଛି । ପୁଞ୍ଜିବାଦ, ସାମ୍ରାଜ୍ୟବାଦ, ଜାତିବାଦ ଏବଂ ଉପନିବେଶବାଦ ବିରୁଦ୍ଧରେ ସେ ଜୀବନବ୍ୟାପୀ ସଂଘର୍ଷ ଜାରି ରଖିଥିଲେ । ତାଙ୍କ ମତଥିଲା ଦେଶର ବିକାଶ ପାଇଁ ସୌହାର୍ଦ୍ଦପୂର୍ଣ୍ଣ ସହାବସ୍ଥାନର ଆବଶ୍ୟକତା ରହିଛି । ଭାରତର ବିକାଶ ପାଇଁ ସେ ପ ବର୍ଷୀୟ ଯୋଜନା ଆରମ୍ଭ କରିଥିଲେ । କୃଷି ଓ କୃଷକର ବିକାଶକୁ ଆଗ୍ରାଧିକାର ଦେଇଥିଲେ ପଣ୍ଡିତ ନେହେରୁ । ରୋଜଗାର ସୃଜନ ଏବଂ ବିକାଶର ରାସ୍ତାକୁ ସୁଗମ କରିବା ପାଇଁ ଦେଶରେ ଅନେକ କଳ କାରଖାନା ସ୍ଥାପନ କରିଥିଲେ । ଆଜି ନେହେରୁ ଗଢ଼ିଥିବା ମୂଳଦୁଆ ଉପରେ ଭାରତ ବିକାଶର ଚିତ୍ର ଅଙ୍କା ଯାଉଛି । ନେହେରୁଙ୍କ ମାନବୀୟ ପକ୍ଷ ଅତ୍ୟ ଉଦାର ଏବଂ ସମାବେଶୀ ଥିଲା । ଦେଶରୁ ଦାରିଦ୍ର୍ୟ ବିଲୋପ ଏବଂ ଅସ୍ପୃଷ୍ୟତା ନିବାରଣ ଉପରେ ସେ ଅଧିକ ଗୁରୁତ୍ୱ ଦେଉଥିଲେ । ହିନ୍ଦୁ ସିଭିଲ କୋଡ଼କୁ ସୁଧାରି ଉତରାଧିକାର ଏବଂ ସମ୍ପତି ମାମଲାରେ ବିଧବାଙ୍କୁ ପୁରୁଷଙ୍କ ସହ ସମାନ ଅଧିକାର ଦେଇଥିଲେ ନେହେରୁ ।

ରାମଚନ୍ଦ୍ର ପୁର, ରଣପୁର
ମୋ-୯୪୩୮୪୮୫୦୯୪




# ଉପଭୋକ୍ତାଙ୍କୁ ଟିପିଏନ୍ ଓଡିଏଲ୍ ଲୁଟୁଥିବା ଅଭିଯୋଗ, ଚଢ଼ଉ ନକରି ଲଗାଉଛି ଜରିମାନା

ଭଦ୍ରକ : ବିଦ୍ୟୁତ ବିତରଣ କଂପାନୀ ଟିପିଏନ୍ ?ଓଡିଏଲ୍ (ଟାଟା ପାୱାର) ଲୋକଙ୍କୁ ଲୁଟୁଥିବା ଅଭିଯୋଗ ଆସିଛି। ନଦୀଗାଁ ଷ୍ଟକଚର ଅଧିନରେ ଆସୁଥିବା ଧାମନଗର ବ୍ଲକ ଫଜପୁର ଗାଁର ସୁରତୀ ନାୟକ ଅଭିଯୋଗ କରିଛନ୍ତି ଯେ, ଟାଟା ପାୱାରର ଏନଫୋର୍ସମେଂଟ ଟିମ୍ ତାଙ୍କ ବିରୋଧରେ ମିଛ ଜରିମାନା ଲଗାଇଛି। ଏନେଇ ଟିପିଏନ୍ ?ଓଡିଏଲ ଅଣ୍ଟରାଜୀ ଅଫିସ ତରଫରୁ ତାଙ୍କୁ ଜଣା ଯିବାପରେ ସେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଟିପିଏନ୍ ?ଓଡିଏଲ୍ ଅଫିସ ତରଫରୁ ତାଙ୍କୁ କୁହାଯାଇଥିଲା ଯେ, ସେ ଗତ ୧୦ ମାସ ଧରି ଚୋରାରେ ବିଦ୍ୟୁତ ବ୍ୟବହାର କରୁଥିଲେ। ଏଥି ପାଇଁ ଏନଫୋର୍ସମେଂଟ ଟିମ୍ ତାଙ୍କ ବିରୋଧରେ ୨୨ ହଜାର ୧୧ ଟଙ୍କା ଫାଇନ କରିଛନ୍ତି। ଏହାସହ ତାଙ୍କ ସ୍ୱାମୀଙ୍କୁ ଡାକି ବିଦ୍ୟୁତ ବିଭାଗ କର୍ମଚାରୀ ଏକ ଚିଠି ଓ ରସିଦ ପ୍ରଦାନ

TPNØDL
TP NORTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)

କରିଥିବା ସୁରତୀ କହିଛନ୍ତି। ଏହି ଚିଠିରେ ଦର୍ଶାଯାଇଛି ଯେ, ଗତ ଅକ୍ଟୋବର ୧୩ ତାରିଖରେ ଏନଫୋର୍ସମେଂଟ ଟିମ ତାଙ୍କ ଘର ଉପରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଜାଣିବାକୁ ପାଇଥିଲେ ଯେ, ସେ ବିଦ୍ୟୁତ ଚୋରି କରି ବ୍ୟବହାର କରୁଛନ୍ତି। ୨୦୨୪ ଡିସେମ୍ବର ୨ ରୁ ୨୦୨୫ ଅକ୍ଟୋବର ୧୩ ମଧ୍ୟରେ ସେ ୨୩୭୦ ୟୁନିଟ ବିଦ୍ୟୁତ ବ୍ୟବହାର କରିଛନ୍ତି। ଏ ବାବଦରେ ୟୁନିଟ ପିଛା ସର୍ବାଧିକ ତାରିଫ ଦର ୯ ଟଙ୍କା ୨୯ ପଇସା ହିସାବରେ ୨୨ ହଜାର ୧୧ ଟଙ୍କା ଜରିମାନା କରାଯାଇଛି। ବିଦ୍ୟୁତ ବିଭାଗର ଏ ଜରିମାନା ଚିଠି ପାଇବା ପରେ ସୁରତୀ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅକ୍ଟୋବର ୧୩ ରେ କୌଣସି ଏନଫୋର୍ସମେଂଟ ଟିମ ତାଙ୍କ ଘରକୁ ଆସିନଥିଲେ। ଏପରିକି ତାଙ୍କ ଘରେ କୌଣସି ଗୃହ କୁ ବି ଯାଇନାହାନ୍ତି। ବିଦ୍ୟୁତ ଆଇନ-୨୦୦୩ର ଧାରା ୧୨୬ (ଖ) ଅନୁସାରେ ଚଢ଼ଉ କରିବାକୁ ଆସିଥିବା ଟିମ ବେଆଇନ ବିଦ୍ୟୁତ ବ୍ୟବହାର ସଂପର୍କିତ ପ୍ରମାଣ ସଂଗ୍ରହ କରିବା କଥା। ଯଦି ଟାଂପରିଂ ହୋଇଛି, ତାହାର ଭିଡିଓ କରିବା କଥା ଓ ହୁକ ପକାଇ ଜାଳୁଥିଲେ ବି ତାହାର ଫଟୋ ଉଠାଇବା କଥା। ଏମିତିକି ଚଢ଼ଉ ପରେ ତାଙ୍କୁ କୌଣସି ପ୍ରକାର ନୋଟିସ ବି ଦେଇନାହାନ୍ତି। କେବଳ ସୁରତୀ ଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିନାହିଁ। ଏମିତି ବହୁ ଉପଭୋକ୍ତା ହଇରାଣ ହୋଇଛନ୍ତି। ଜରିମାନା ଦେବାକୁ ବାଧ୍ୟ ହୋଇଛନ୍ତି। ବିଦ୍ୟୁତ କାର୍ଯ୍ୟାଳୟର କର୍ମଚାରି ନିଜ ନାମ ଗୋପନ ରଖି କହି ଛନ୍ତି ଯେ , ଏନଫୋର୍ସ ଟିମ୍ କେଉଁଠୁ ଆସନ୍ତି ଆମ ପାଖରେ କିଛି ସୂଚନା ନଥାଏ। ସେମାନେ ଫାଇନ କରିବା ପରେ କାଗଜପତ୍ର ଆମକୁ ଦେଇ ଯାଆନ୍ତି। ସୂଚନା ଥାଉକି , ବିଦ୍ୟୁତ ଚୋରି ଚଢ଼ଉ ପାଇଁ ଥାର୍ଡ ପାର୍ଟି କୁ ଦାୟିତ୍ୱ ଦିଆଯାଇଛି। ସେମାନେ ନିଜର ଟାର୍ଗେଟ ପୂରଣ ପାଇଁ ମନଇଛା ଚଢ଼ଉ କରିଥିବା ଦେଖାଇ ଫାଇନ ଲଗାଇଥାନ୍ତି। ଥାର୍ଡ ପାର୍ଟିଙ୍କ ଟାର୍ଗେଟ ପୂରଣ ନିଶାରେ ନିରୀହ ଗ୍ରାହକ ହଇରାଣ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ନଜର ରଖିବା ଉଚିତ।ତେବେ ଉକ୍ତ ଟିମ୍ ଏହି ବେଆଇନି ଯୋରିମାନା ପାଇଁ ବିଦ୍ୟୁତ ଉପ ଭୋକ୍ତା ଶ୍ରୀମତୀ ନାୟକ ଆଇନି ରେ ଆଶ୍ରୟ ନେବେ ବୋଲି କହିଛନ୍ତି।

# ଭୁବନେଶ୍ୱରରେ ଆରମ୍ଭ ହେଲା ୨୫ତମ ଅନ୍ତର୍ଜାତୀୟ ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ବର୍ଷ

ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱରର ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଆଜି ଯାକଜମକ ସହ ଉଦ୍ ?ଘାଟିତ ହୋଇଛି ୨୫ତମ ଅନ୍ତର୍ଜାତୀୟ ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ବର୍ଷ। ଡଃ ଶ୍ରୁତି ମହାପାତ୍ରଙ୍କ ନେତୃତ୍ୱାଧୀନ 'ସ୍ୱାଭିମାନ' ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ଏହି ଉତ୍ସବ ବିଶେଷ ଭାବେ ଶାରୀରିକ ଭିନ୍ନକ୍ଷମ ପିଲାଙ୍କ ଉତ୍ସାହ ଓ ଆତ୍ମବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟରେ ପରିଚାଳିତ ହୋଇଆସୁଛି। ଚଳିତ ବର୍ଷର ମୁଖ୍ୟ ଥିମ୍ ? ହେଉଛି— 'କିମ୍ବଦନ୍ତୀ ପୌରାଣିକ କଥା, ଗଳ୍ପ ଓ ପୁରାଣ ସାହିତ୍ୟ'। ମିଥୋଲୋଜି ଅର୍ଥାତ୍ ବିଭିନ୍ନ ଜାତି, ଧର୍ମ ଓ ସଂସ୍କୃତିର ପୁରାତନ ଦେବଦେବୀ, ବୀର ଓ ଅଲୌକିକ ଘଟଣାବଳୀ ସମ୍ପର୍କିତ କାହାଣୀଗୁଡ଼ିକ ମାନବ ଆସ୍ଥା, ଐତିହ୍ୟ ଓ ସାଂସ୍କୃତିକ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି।ଓଡ଼ିଶାର ୩୦ଟି ଜିଲ୍ଲା ସହ ଲାଦାଖ, ଲକ୍ଷଦ୍ୱୀପ, ଜମ୍ମୁ କାଶ୍ମୀର ଆଦି ଦେଶର ୧୮ଟି ରାଜ୍ୟରୁ ହଜାର ହଜାର ଶିଶୁ-ଯୁବ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏଥି ସହ ଶ୍ରୀଲଙ୍କାରୁ ମଧ୍ୟ ପ୍ରତିଯୋଗୀମାନେ ଆସିଛନ୍ତି। ଉଦ୍ ?ଘାଟନୀ ଦିନରେ ଅଂଶଗ୍ରହଣକାରୀ ପିଲାଙ୍କୁ ଚନ୍ଦନ ଲଗାଇ



ଅଭିନନ୍ଦନ ଜଣାଇବା ସହ ହସ୍ତନିର୍ମିତ ଅଭିନନ୍ଦନ କାର୍ଡ ପ୍ରଦାନ କରାଯାଇଛି। ସ୍ୱାଭିମାନ ପକ୍ଷରୁ ସମସ୍ତଙ୍କୁ ସ୍ୱାଭିମାନ ଲୋଗୋ ଯୁକ୍ତ ଟି-ସାର୍ଟ ଓ ବ୍ୟାଜ୍ ପ୍ରଦାନ କରି ଉତ୍ସାହିତ କରାଯାଇଛି। ଉତ୍ସବରେ ହସ୍ତକଳା, ଆନିମେ, ବଲିଉଡ୍ ନୃତ୍ୟ, କାର୍ଟୁନିଂ, କ୍ଲାଉନିଂ, ବେଲୁନ୍ ଶିଳ୍ପ, ସଙ୍ଗୀତ, ଓରିଗାମି, ପ୍ରକୃତି କାର୍ଯ୍ୟକଳାପ, କାଗଜ ହସ୍ତଶିଳ୍ପ, ପଟ୍ଟଚିତ୍ର କଳା, ଫଟୋଗ୍ରାଫି, ମାଟିକାମ ଓ ଟେରାକୋଟା, ରାଗ ଗଢ଼ଣ, ବାଲୁକା କଳା, ବିଜ୍ଞାନ ଖେଳାଧୂଳା, କାହାଣୀ କହିବା, ଥିଏଟର, କୁପାଢ଼େ ଧନ, ଯୋଗ ଆଦି ବିଭିନ୍ନ କର୍ମଶାଳା ଓ ପ୍ରତିଯୋଗିତା ଆୟୋଜିତ ହେଉଛି। ୧୨ରୁ ୧୬ ନଭେମ୍ବର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବ ବିଭିନ୍ନ କ୍ଷମତା ଥିବା ପିଲାଙ୍କ ପ୍ରତିଭାକୁ ଏକାଠି ବାନ୍ଧି ସମାଜକୁ ଏକ ନୂଆ ଦୃଷ୍ଟିଭଙ୍ଗୀ ପ୍ରଦାନ କରୁଛି।ଆଜି ସନ୍ଧ୍ୟାରେ ଉଦ୍ ?ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା। ଅନ୍ୟ ଅତିଥିମାନେ ହେଲେ— ପଦ୍ମଶ୍ରୀ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜମାଡ଼ି, ପଦ୍ମଶ୍ରୀ ଡଃ ସୁଦର୍ଶନ ପଟ୍ଟନାୟକ (ବାଲୁକା କଳା ପ୍ରତିଷ୍ଠାନ, ପୁରୀ), ଶ୍ରୀ ଜଗଦାନନ୍ଦ (ସିୱାଇଏସ୍ ?ଡି ପ୍ରତିଷ୍ଠାତା ସଦସ୍ୟ) ଓ ଗାୟତ୍ରୀ କର (ଗତ ୧୦ ବର୍ଷର କନିଷ୍ଠ ସ୍ୱେଚ୍ଛାସେବୀ)। ସନ୍ଧ୍ୟାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିଥିମାନେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥି ସହ ଏକ ଗଛରେ ଜଳ ଦେଇ ପରିବେଶ ସଚେତନତାର ସଙ୍କେତ ଦିଆଯାଇଛି।ଡଃ ଶ୍ରୁତି ମହାପାତ୍ର ନିଜ ବକ୍ତବ୍ୟରେ ୨୫ ବର୍ଷର ଗୌରବମୟ ଯାତ୍ରାର ସଂଘର୍ଷ ଓ ସଫଳତାର କାହାଣୀ ବର୍ଣ୍ଣନା କରି କହିଥିଲେ ଯେ, ଛୋଟ ପରିବାର କିପରି ବଡ଼ ପରିବାରରେ ପରିଣତ ହୋଇଛି ଏବଂ ଅଞ୍ଜଳିର ଆରମ୍ଭରୁ ଏ ପର୍ଯ୍ୟନ୍ତ ଲୋକଙ୍କ ସାହାଯ୍ୟ ଓ ସହଯୋଗ ମିଳିଛି। ଏହି ଅବସରରେ 'ଅଞ୍ଜଳି ଆୱାର୍ଡ ଫର ସାହସିକତା' ସୁରେଶ ଚୌଧୁରୀଙ୍କୁ ଏବଂ 'ଅଞ୍ଜଳି ଛାତ୍ର ବୃତ୍ତି' ସୁଲେଖା ବଡ଼ାଙ୍କୁ ପ୍ରଦାନ କରାଯାଇଛି। ଏହା ସହ ଅଞ୍ଜଳି କ୍ୟାମ୍ପ ବୁଲେଟିନ୍ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି।ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଶ୍ରୁତି ମହାପାତ୍ର ଜଣେ ପ୍ରେରଣାର ଉତ୍ସ ଏବଂ ସେ ୭୦୦ରୁ ଅଧିକ ଭିନ୍ନକ୍ଷମ ପିଲାଙ୍କୁ ଏକାଠି କରି ଏକ ପରିବାର ସୃଷ୍ଟି କରିଛନ୍ତି। ସ୍ୱାଭିମାନ ଏକ ସଂସ୍ଥା ନୁହେଁ, ବରଂ ଏକ ପରିବାର। କେବଳ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏଭଳି କାର୍ଯ୍ୟକ୍ରମ ଆୟୋଜନ ଏକ ଦୃଷ୍ଟାନ୍ତ। ସମସ୍ତ ଅତିଥି ୨୫ ବର୍ଷର ଗୌରବମୟ ଯାତ୍ରା ଓ ସୁବର୍ଣ୍ଣ ଜୟନ୍ତୀ ବର୍ଷକୁ ଶୁଭେଚ୍ଛା ଜଣାଇ ନିରନ୍ତର ପ୍ରୟାସ ପାଇଁ ଭୂରି ଭୂରି ପ୍ରଶଂସା କରିଛନ୍ତି। ୨୫ ବର୍ଷ ଧରି ଚାଲିଆସୁଥିବା ଏହି ଉତ୍ସବ କେବଳ ପ୍ରତିଯୋଗିତା ନୁହେଁ, ବରଂ ସମସ୍ତଙ୍କ ମଧ୍ୟରେ ସମାନତା ଓ ସହାନୁଭୂତିର ଏକ ମହାମଞ୍ଚ।

# ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ୩୧୬ନମ୍ବର ଜାତୀୟ ରାଜପଥ ଅବରୋଧ

ପୁରୀ : ଦିବା ଘ ୧୧.୦୦ମି ସମୟରେ ଚଉରା ଛକ, ମାଟିଆପଡା, ପୁରୀ ଠାରେ ସିଦ୍ଧମହାବୀର-ମାଟିଆପଡା ରୋଡ୍ ଓଭରବ୍ରିଜ ନିର୍ମାଣରେ ବିଳମ୍ବ ଏବଂ ଦୁଇ ପାର୍ଶ୍ୱ ରାସ୍ତା (ଆପ୍ରୋଚ ରୋଡ୍) ନିର୍ମାଣରେ ଜାଣିଶୁଣି ଅବହେଳା କରିବା ବିରୁଦ୍ଧରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜାତୀୟ ରାଜପଥ ୩୧୬ ଅବରୋଧ କରିବା ସଫଳ ହୋଇଛି ।୨୦୧୯ ଅଗଷ୍ଟ ମାସରେ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଓ ପରିବହନ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତି ମିଳିଥିଲା ଏବଂ ୨୦୨୧ ମସିହାରେ ଭୂଅର୍ଜନ ବା ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇ ୨୦୨୨ ସୁଦ୍ଧା କାର୍ଯ୍ୟ ସଂପୂର୍ଣ୍ଣ ହେବାର ଥିଲା ବିଳମ୍ବିତ ହୋଇ ଶେଷରେ ମାର୍ଚ୍ଚ, ୨୦୨୫ ସୁଦ୍ଧା ରୋଡ୍ ଓଭରବ୍ରିଜ ନିର୍ମାଣ ସଂପୂର୍ଣ୍ଣ ହେବାର ଡେଡ ଲାଇନ ରଖାଯାଇଥିଲା ମାତ୍ର ସରକାରୀ ଉଦାସୀନତା ଯୋଗୁଁ ଏ ପର୍ଯ୍ୟନ୍ତ ଓଭରବ୍ରିଜ କାର୍ଯ୍ୟ ୫୦% ସଂପୂର୍ଣ୍ଣ ହୋଇନଥିବାରୁ ଏହା ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦା, ବିଦ୍ୟାର୍ଥୀ, ଦମକଳ, ଆମ୍ବୁଲାନ୍ସ ଆଦି ଯିବାରେ ଅହେତୁକ ଅସୁବିଧା ହେଉଛି । ଅସୁବିଧାର ମୁଖ୍ୟ କାରଣ ହେଉଛି ନିର୍ମାଣାଧୀନ ଓଭରବ୍ରିଜ ଦୁଇ ପାର୍ଶ୍ୱ ରେ ଆପ୍ରୋଚ ରୋଡ୍ ନିର୍ମାଣ କରି ପରବର୍ତ୍ତୀ ସମୟରେ ଓଭରବ୍ରିଜ ନିର୍ମାଣ ନିୟମ ଥାଇ ମଧ୍ୟ ଠିକା ସଂସ୍ଥା ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅପାରଗତା କିମ୍ବା ମୋଟା ଧରଣର ପିସି କାରବାର କାରଣରୁ ଆଜି ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରେ ସର୍ଭିସ୍ ରୋଡ୍ ନିର୍ମାଣ ହୋଇପାରିନାହିଁ ଯେଉଁଥି ପାଇଁ ଦୈନିକ ଯାତାୟାତ ରେ ଅସୁବିଧା ତଥା ଦୁର୍ଘଟଣା ଦେଖିବାକୁ ମିଳୁଛି । ଏଣୁ



ତୁରନ୍ତ ଦୁଇ ପାର୍ଶ୍ୱ ରାସ୍ତା ନିର୍ମାଣ ସହିତ ରୋଡ୍ ଓଭରବ୍ରିଜ ନିର୍ମାଣ ଦାବିରେ ପୁରୀ ଜିଲ୍ଲା କଂଗ୍ରେସ କମିଟି, ସଭାପତି ଇଂ ରାଜେଶ କୁମାର ମିଶ୍ର ଙ୍କ ନେତୃତ୍ୱରେ ଆଜି ମାଟିଆପଡା ଠାରେ ରାସ୍ତା ରୋକ କରାଯାଇଥିଲା ଏବଂ ଜାତୀୟ ରାଜପଥ ପ୍ରାଧିକରଣ, ?ସୁପରିଟେନଡେଣ୍ଟ ଇଂଜିନିୟର ଙ୍କ ଲିଖିତ ପ୍ରତିଶ୍ରୁତି ଅନୁଯାୟୀ ରାସ୍ତା କାମ ଚଳିତ ମାସ ୨୦ ତାରିଖ ସୁଦ୍ଧା ଆରମ୍ଭ କରିବା ଯୋଗୁଁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ଏବଂ ଏଥିରେ ?ଅବହେଳା ହେଲେ ଆନ୍ଦୋଳନ ତିବ୍ରତର କରାଯିବ । ଏଥିରେ ଉତ୍ତମ ଆଚାର୍ଯ୍ୟ, ବିଦ୍ୟୁତଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଅମରେନ୍ଦ୍ର ପାଇକରାୟ, ସିତାକାନ୍ତ ମହାନ୍ତି, ସୁଜିତ ମହାପାତ୍ର, ସ୍ୱାଧୀନ କୁମାର ପଣ୍ଡା, ରଜତ କୁମାର ସାହୁ, ସୁରେନ୍ଦ୍ର ପାଇକରାୟ, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ସସ୍ମିତା ସ୍ୱାଇଁ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସୁକାନ୍ତ କୁମାର ପ୍ରଧାନ, ଉମାକାନ୍ତ ବେହେରା, ଆଡଭୋକେଟ୍ ପାଣ୍ଡି ବାବୁ, ଅମିୟ କୁମାର ମହାପାତ୍ର, ମନୋଜ ମହାପାତ୍ର, ବିଶ୍ୱରଂଜନ ସାମନ୍ତରାୟ ଏବଂ ଶତାଧିକ ସ୍ଥାନୀୟ ଅଧିବାସୀଙ୍କ ସମେତ ବହୁ ସଂଖ୍ୟକ ସାଧାରଣ ଲୋକେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ ।

# ଭୂମିହୀନ ପାଇଁ ଆବାସ ଯୋଜନା ସାତସପନ, ଝାଟିମାଟି ଘରେ ବିତୁଛି ଜୀବନ

ଧର୍ମଶାଳା : କେନ୍ଦ୍ର ଓ ରାଜ୍ୟ ସରକାର ଗରିବ, ଭିନ୍ନକ୍ଷମ, ବିଧବା ଓ ଭୂମିହୀନ ଲୋକ ମୌଳିକ ସୁବିଧାରୁ ବଞ୍ଚିତ ହିତାଧିକାରୀଙ୍କୁ ଜମି ପଟ୍ଟା ଓ ଆବାସ ଗୃହ ଯୋଗାଇ ଦେବା ପାଇଁ ସରକାରଙ୍କ ବିଭିନ୍ନ ବ୍ୟବସ୍ଥା ରହିଛି । କିନ୍ତୁ କିଛି ସରକାରୀ ଅଧିକାରୀଙ୍କ ଆନ୍ତରିକ ମନୋଭାବ ଅଭାବ ପାଇଁ ଭୂମିହୀନ ଗରିବ ଅସହାୟ ଲୋକ ପଟ୍ଟା ଖଣ୍ଡେ ପାଇବା ତ ଦୂରର କଥା ଆବାସ ଗୃହ ପହଞ୍ଚିବା ତାଙ୍କ ପାଖରେ ସାତସପନ ହୋଇଗଲାଣି । ଜାଣିଶୁଣି ଲୋକଙ୍କ ପ୍ରିୟ ସରକାରଙ୍କୁ ବଦନାମ କରିବା ସହ ପ୍ରକୃତ ହିତାଧିକାରୀଙ୍କୁ ଜମି କିମ୍ବା ଆବାସ ଯୋଜନା ସାମିଲ୍ ନ କରିବା ଦୁର୍ଭାଗ୍ୟଜନକ ବିଷୟ । ଏ ସମ୍ପର୍କରେ ଗରିବ ହିତାଧିକାରୀ ଜଣେ ଜମି ପଟ୍ଟା ଖଣ୍ଡେ ପାଇବା ପାଇଁ ବାରମ୍ବାର ପ୍ରଶାସନ ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇ ନିରାଶ ହୋଇ ଫେରୁଥିବାର ଜଣାପଡ଼ିଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ବୃନ୍ଦାଦେଇପୁର ଗ୍ରାମର ସ୍ୱର୍ଗତ ବଟକୃଷ୍ଣ ମହାନ୍ତିଙ୍କ ସ୍ତ୍ରୀ ଭାନୁମତୀ ମହାନ୍ତିଙ୍କ କ୍ଷେତ୍ରରେ ଘଟିଛି । ବୃନ୍ଦାଦେଇପୁର ଗ୍ରାମର ଭାନୁମତୀ ମହାନ୍ତି ଜଣେ ବିଧବା ମହିଳା ହୋଇଥିବା



ବେଳେ ଆବାସ ଖଣ୍ଡେ ପାଇବା ପାଇଁ ୪୦ ବର୍ଷ ହେଲା ଜୀବନ ସହିତ ସଙ୍ଘର୍ଷ କରିଆସୁଛନ୍ତି । ମୁଣ୍ଡ ଗୁଞ୍ଜିବା ପାଇଁ ଝାଟିମାଟି ଘର ଉପରେ ଜରିପାଲ ପକେଇ ବାକି ଜୀବନ ଅତିବାହିତ କରୁଛନ୍ତି । କିନ୍ତୁ ବିଡମ୍ବନାର ବିଷୟ ହେଉଛି ସେ ଜଣେ ଭୂମିହୀନ ହୋଇଥିବା ବେଳେ ସରକାରୀ ନୀତି ନିୟମ ଅନୁସାରେ ୧୦ ଡିସିମିଲ୍ ଘରବାରୀ ପାଇଁ ଜମି ଯୋଗାଇ ଦେବାର ପ୍ରାବଧାନ ଥିଲା ବେଳେ ପଟା ଖଣ୍ଡିଏ କରିଦେବା ପାଇଁ ବିଭିନ୍ନ ସରକାର କାର୍ଯ୍ୟାଳୟ ବାରମ୍ବାର ଗୁହାରି କଲେ ସୁଦ୍ଧା କେହିବି କର୍ଣ୍ଣପାତ କରୁନାହାନ୍ତି। ଦଖଲ କରିଥିବା ଘରବାରିର ପାଉତି କାଟି ବର୍ଷ କୁ ବର୍ଷ ଟିକସ ପଇଠ କରିଥାନ୍ତି । ଯାହା ଫଳରେ ଆବାସ ଯୋଜାନା ଗୃହ ବିଗତ ଦିନରେ ପ୍ରକୃତ ହିତାଧିକାରୀ ହୋଇଥିଲେ ମଧ୍ୟ ନିଜସ୍ୱ ଘରବାରୀ ଜମି ପଟ୍ଟା ନଥିବାରୁ ଘର କରିବା ତାଙ୍କ ପକ୍ଷରେ ସମ୍ଭବପର ହୋଇନଥିଲା । ଜମି ପଟ୍ଟା ପାଇଁ ତାଙ୍କ ସ୍ୱାମି ଏ ଅଫିସ୍ ରୁ ସେ ଅଫିସ୍ ଯାଇ ନିରାଶ ହୋଇ ଶେଷରେ ରୋଗାଗ୍ରସ୍ତରେ ପଡିପଡି ମୃତ୍ୟୁ ବରଣ କରିଥିଲେ । ପରିବାର କହିଲେ ପୁଅ, ବୋହୂ ଓ ନାତିକୁ ନେଇ ଜୀବନ ଅତିବାହିତ କରୁଛନ୍ତି । ପୁଅ ଜଣେ ଦିନ ମଜୁରିଆ ହୋଇଥିଲା ବେଳେ ଖଟିଲେ ଖାଆନ୍ତି ନ ହେଲେ ଉପବାସରେ ଦିନ କଟେ । ସମ୍ପତି କହିଲେ କୌଣସି ଚାଷ ଜମି କି ଘରବାରୀ ନାହିଁ ଗୋଚର ଜମିରେ ଦୀର୍ଘ ୪୫ ବର୍ଷ ହେଲା ଚାଳଘର ଜରିପାଲ ତଳେ ଭାଗ୍ୟକୁ ଆଦରି ଦୁଃଖ କଷ୍ଟେ ଚଳି ଆସୁଛନ୍ତି । ଆର୍ଥିକ ଅଭାବରୁ ଦୀର୍ଘ ଦିନ ହେବ ଛପର ହୋଇପାରୁ ନଥିବାରୁ ଅଷାଢ଼ାଏ ବର୍ଷାରେ ଘର ପାଣିରେ ଲହଡ଼ି ଖେଳୁଛି ଓ ଏହି ଖବର ପାଇବା ପରେ ସରକାରଙ୍କ ତରଫରୁ ଏକ ଜରିପାଲ ଯୋଗାଇ ଦିଆଯାଇଛି । ଏପରି କ୍ଷେତ୍ରରେ ତାଙ୍କ ପୁଅ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ଯାହା ରୋଜଗାର କରନ୍ତି ଆଜିକା ଦିନରେ ବଜାର ଚାହିଦା ଯାହା ପରିବାର ଚଳାଇବା ବହୁତ କଷ୍ଟ ହୋଇପଡୁଛି। ଝାଟିମାଟି ଚାଳଛପର ଗୃହକୁ ମରାମତି କରିବା ପାଇଁ ତାଙ୍କ ପାଖରେ ଆର୍ଥିକ ସମ୍ବଳର ଘୋର ଅଭାବ ଦେଖାଦେଇଛି । ସରକାରୀ ସୁବିଧା କହିଲେ ବିଧବା ଭତ୍ତା ଓ ୨୦ କିଲୋ ରାସନ ଚାଉଳ ମିଳୁଛି । ଏଯାବତ୍ ପଞ୍ଚାୟତ ଜନପ୍ରତିନିଧି ଓ ୱାର୍ଡମେମ୍ବର କୁ ପଟ୍ଟା ଓ ଘର ପାଇଁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଘର ପାଇବା ତାଙ୍କ ପାଇଁ ଦିବାସ୍ୱପ୍ନ ହୋଇଯାଇଛି ।ଭାନୁମତୀଙ୍କୁ ତୁରନ୍ତ ଘରବାରୀ ପଟ୍ଟା ସହ ଆବାସ ଖଣ୍ଡେ ଯୋଗାଇ ଦେବା ପାଇଁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ଦାବୀ କରିଛନ୍ତି ।

# ଜହ୍ନା ପଞ୍ଚାୟତର କାର୍ଯ୍ୟକାରିଣୀ ଓ କର୍ମକର୍ତ୍ତା ଚୟନ ବୈଠକ

କୋରେଇ :କୋରେଇ ବ୍ଲକ ଅନ୍ତର୍ଗତ କୁରୁପଦା ଠାରେ ଜହ୍ନା ପଞ୍ଚାୟତର କାର୍ଯ୍ୟକାରିଣୀ ଓ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଥିଲା। କୋରେଇ ବ୍ଲକ ଯାଦବ ମହାସଭାର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ନାୟକଙ୍କ ଆହ୍ୱାନ କ୍ରମେ ବ୍ଲକ ସମ୍ପାଦକ ଶ୍ରୀଯୁକ୍ତ ବିପିନ ବାରିକଙ୍କ ସଭାପତିତ୍ୱରେ କାର୍ଯ୍ୟକାରିଣୀ ଓ କର୍ମକର୍ତ୍ତା ଚୟନ ବୈଠକ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉକ୍ତ ଯାଦବ ମହାସଭା, ଯାଜପୁର ଜିଲ୍ଲାର ଉପ ସଭାପତି ଶ୍ରୀଯୁକ୍ତ ଅକ୍ଷୟ ଦାସ, ଜିଲ୍ଲା ଉପଦେଷ୍ଟା ଶ୍ରୀଯୁକ୍ତ ନାରାୟଣ ବେହେରା, ବ୍ଲକ ଉପଦେଷ୍ଟା



ଶ୍ରୀଯୁକ୍ତ ଅକ୍ଷୟ କୁମାର ଦାସ, ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ଅନନ୍ତ କଣ୍ଡି, ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ କୋରେଇ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଯାଦବ ସଂଗଠନକୁ କିପରି ଆହୁରି ସୁଦୃଢ଼ ଓ ମଜବୁତ କରାଯିବ ଏହି ବିଷୟରେ ସମସ୍ତେ ନିଜ ନିଜର ପ୍ରସ୍ତାବ ଦେଇଥିଲେ। ଉକ୍ତ ବୈଠକରେ ଜହ୍ନା ପଞ୍ଚାୟତର ସଭାପତି ଭାବେ ଶ୍ରୀଯୁକ୍ତ ହୃଷୀକେଶ ଦାସ, ସମ୍ପାଦକ ଶ୍ରୀଯୁକ୍ତ ଚିନ୍ତାମଣି ପରିଡ଼ା, ଉପସଭାପତି ମଣିନାଥ ବେହେରା, ଯୁବ ସଭାପତି ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା, ଯୁବ ସମ୍ପାଦକ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ଦାସଙ୍କୁ ମନୋନୀତ କରାଯାଇଥିଲା। ପ୍ରତି ପଞ୍ଚାୟତରେ ଯାଦବ ସଂଗଠନ କିପରି ଆହୁରି ସୁଦୃଢ଼ ଓ ସଶକ୍ତ ହୋଇପାରିବ ଏହି ବିଷୟରେ ବ୍ଲକ ସଭାପତି ପଞ୍ଚାୟତ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ ପରିଶେଷରେ ଜିଲ୍ଲାର ଉପସଭାପତି ଶ୍ରୀଯୁକ୍ତ ଅକ୍ଷୟ କୁମାର ଦାସ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

# କେନ୍ଦୁଝର ଜିଲ୍ଲା ନୁଦୁରୁପଡ଼ା

କେନ୍ଦୁଝର: ରାସ୍ତାର ଜଂଘିରା ପଞ୍ଚାୟତ ପିଛୁଳାବେଢ଼ା ଗ୍ରାମ ନିକଟରେ ଥିବା ଜଗାବଳିଆ ହୋଟେଲ ଭିତରେ ଆଜି ପୂର୍ବାହ୍ନରେ ଏକ କାର୍ (ଓଡି-୦୯-ୱାଇ-୯୪୬୧) ଭାରସାମ୍ୟ ହରାଇ ପଶିଯିବା ସହ ଓଲଟି ପଡ଼ିଛି। ହୋଟେଲରେ



ରୋଷେଇ କରୁଥିବା ମାଲିକ ବିଭୀଷଣ ମହାକୁଡ଼ ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ଞ୍ଚି ଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ କାର୍ ଚାଳକ ଓ ଅନ୍ୟଜଣେ ବ୍ୟକ୍ତିଙ୍କୁ ହୋଟେଲ ମାଲିକ ଶ୍ରୀ ମହାକୁଡ଼ଙ୍କ ସାନ ଭାଇ ସଞ୍ଜୟ ଉଦ୍ଧାର କରିଛନ୍ତି । ଦୁର୍ଘଟଣାରେ ହୋଟେଲର ବ୍ୟାପକ କ୍ଷୟକ୍ଷତି ହେବା ସହ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି।

# ବିଜେପିର ମହାମିଶ୍ରଣ ପର୍ବରେ ଯୋଗଦେଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

ଧାମନଗର: ଧାମନଗର ଗ୍ରାମୀଣ ମଣ୍ଡଳ ବିଜେପି ପକ୍ଷରୁ ବୃନ୍ଦାକୁଟି ଠାରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଦୀପ୍ତିରଞ୍ଜନ ଜେନା ମିଶ୍ରଣ ସଭାରେ ସଭାପତିତ୍ୱ କରିଥିଲେ।ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଜେପି ଏକ ପରିବାର ହୋଇଥିବାରୁ କାର୍ଯ୍ୟକର୍ତ୍ତା ଏଠାରେ ପରସ୍ପର ପ୍ରତି ଶ୍ରଦ୍ଧା ସମ୍ମାନ ବଜାୟ



ରଖନ୍ତି ବୋଲି ମତବ୍ୟକ୍ତ କରିଥିଲେ।ଦଳ ସାଧାରଣ ଲୋକଙ୍କ ସର୍ବବିଧ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ ଏହି ଅବସରରେ ମତ ଦେଇଥିଲେ।ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ,ନଗର ପ୍ରତିନିଧି କୈଳାସ ମହାପାତ୍ର,ମନୋରଞ୍ଜନ ମଲ୍ଲିକ,ଜିଲ୍ଲା ଉପସଭାପତି ଚତୁର୍ଭୂଜ ନାୟକ,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ,ବରିଷ୍ଠ ନେତା ହରେକୃଷ୍ଣ ପାଢ଼ୀ,ଅରବିନ୍ଦ ପତି,ଅଜୟ ବଳ,ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଦେବାଂଶୁ ରାଉତ,ସହିଦ ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ,ଧୂଷୁରୀ ମଣ୍ଡଳ ସଭାପତି ଅନିରୁଦ୍ଧ ସାହୁ,ସରପଞ୍ଚ ପ୍ରୀତମ ଦାସ,କିଶୋର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ଗ୍ରାମୀଣ ମଣ୍ଡଳ ଅଧୀନ ଗୋବିନ୍ଦପୁର,କଲ୍ୟାଣି,ବୟାଙ୍ଗଡ଼ିହି,ରାଧାବଲ୍ଲଭପୁର,ଭଗବାନପୁର,ଦଇପୁର ଏବଂ ସରେଇ-ବୃନ୍ଦାକୁଟି ପଞ୍ଚାୟତରୁ ଶତାଧିକ ପୁରୁଷ ଓ ମହିଳା ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ।ମନ୍ତ୍ରୀ ଶ୍ରୀ ସୂରଜ ଏବଂ ନେତୃବୃନ୍ଦ ସେମାନଙ୍କୁ ଦଳୀୟ ଟୋପି ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ ସ୍ୱାଗତ ଭାଷଣ ଏବଂ ପ୍ରଶାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ବିଭିନ୍ନ ରାସ୍ତାର ଶିଳାନ୍ୟାସ

ଭଦ୍ରକ : ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ବିଭିନ୍ନ ରାସ୍ତାର ଉନ୍ନତିକରଣ ପାଇଁ ମଙ୍ଗଳବାର ଦିନ ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।ସେଥିମଧ୍ୟରୁ ଫତେପୁର ପଂଚାୟତର ଗ୍ରାମ୍ୟ ଉନ୍ନୟନ ସଡକ ଠାରୁ ଧର୍ମାଗତପୁର ସଡ଼କ,ଭଦ୍ରକ-ଆରଡ଼ି ପୂର୍ତ୍ତ ବିଭାଗ ସଡ଼କ ଠାରୁ ଉଚ୍ଚପଦା-କାକୁଡିଗଡ଼ିଆ ସଡକ,ଦଇପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ଠାରୁ ବାବୁରିଗାଁ ଓ ମାଙ୍କିଡିଆ ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ।ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାପାଳ ଶ୍ରୀଯୁକ୍ତ ଦିଲ୍ଲୀପ ରାଉତରାୟ,ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ,ମନୋଜ ମଲ୍ଲିକ,ଅରବିନ୍ଦ ପତି,ମନ୍ତ୍ରୀଙ୍କ ଧାମନଗର ବିଜ୍ଞାପିତ ଅଞ୍ଚଳ ପ୍ରତିନିଧି କୈଳାସ ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ସରକାରୀ ଅଧିକାରୀ ମାନେ ଉପସ୍ଥିତ ଥିଲେ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ




## ଗଣପତି ଶିଶୁ ବିଦ୍ୟା ମନ୍ଦିରରେ ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ମାତୃ ସମ୍ମିଳନୀ







ପାରାଦୀପ,(ପି.ଏନ): ପାରାଦୀପ ପୌରାଂଚଳର ୫ ନମ୍ବର ୱାର୍ଡର ବାଲିଝରା ଠାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗଣପତି ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ଦିନ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଇଫକୋ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ମାନଙ୍କ ମାଆ ମାନେ ସାମିଲ ହୋଇଥିଲେ । ଏବଂ ସେଠାରେ ମାଆ ମାନଙ୍କୁ ତାଙ୍କ ପିଲାମାନେ କେମିତି ପୂଜା କରିବା କଥା ତାହା ସମୂହ ଭାବେ କରି ଦେଖାଇଥିଲେ । ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚ଼ନା ସଭାରେ ମୁଖ୍ୟଅତିଥି ଭାବେ ଇଫକୋ ଲେଡିଜ୍ କ୍ଲବ ପ୍ରମୁଖ ସଭ୍ୟା ଶ୍ରୀମତି ଆରତୀ ପରିଡା, ସମ୍ମାନିତ ଅତିଥି ଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ସ୍ଥାନୀୟ ପାରିଷଦ ସ୍ୱପ୍ନାରାଣୀ ଜେନା,ସାମ୍ବାଦିକ ଶରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସନ୍ତାନ ମାନଙ୍କ ପ୍ରଥମ ଓ ଆଦ୍ୟଗୁରୁ ହେଲେ ମାଆ । ସେ ସବୁବେଳେ ପିଲାଙ୍କୁ ଭଲ ପାଇଥାଏ । ତାକୁ ପାଠ ପଢାଇ ଭଲ ମଣିଷ କରିବା ସହିତ ଭଲ ସଂସ୍କାର ଦେବା ଜରୁରୀ ବୋଲି ମୁଖ୍ୟ ଅତିଥି ପରିଡା କହିଥିଲେ । ଶେଷରେ ଶିକ୍ଷୟିତ୍ରୀ କଲ୍ୟାଣୀ ସଂଘମିତ୍ରା ସାହୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## କବି ମାନସିଂହ ଓଡିଆ ସାହିତ୍ୟରେ ଏକ ସ୍ମରଣୀୟ ପ୍ରତିଭା

ଜଗତସିଂହପୁର,(ପି.ଏନ): କବି ଡକ୍ଟର ମୟାଧର ମାନସିଂହ ଓଡିଆ ସାହିତ୍ୟରେ ଏକ ସ୍ମରଣୀୟ ପ୍ରତିଭା । ସେ ଏକାଧାରରେ ଜଣେ ସଫଳ କବି, ପ୍ରାବନ୍ଧିକ ଓ ଗଦ୍ୟଶିଳ୍ପୀ ଭାବରେ ଖ୍ୟାତି ଅର୍ଜନ କରିଯାଇଛନ୍ତି ବୋଲି ଆଜି ସ୍ଥାନୀୟ ପ୍ରଫୁଲ୍ଲ ପାଠାଗାର ଠାରେ ଆୟୋଜିତ ତାଙ୍କ ୧୨୦ତମ ଜୟନ୍ତୀ ପାଳନ ଅବସରରେ ଯୋଗଦେଇ ଅତିଥିମାନେ ଏହି ମତପୋଷଣ କରିଛନ୍ତି । ପାଠାଗାରର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଘନଶ୍ୟାମ କାନୁନ୍‌ଗୋ ଯୋଗଦେଇ ମାନସିଂହଙ୍କର ପ୍ରଥମ ପ୍ରକାଶିତ କବିତା ବାରମାସୀ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହେଲାପରେ ସେ ଆଉ ପଛକୁ ଫେରିଚାହିଁନଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ମାନସିଂହଙ୍କ କବିତା ଧୂପ, ହେମପୁଷ୍ପ, ମାଟିବାଣୀ ଓ କୋଣାର୍କ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ ।

OFFICE OF THE MUNICIPAL COUNCIL, TALCHER
DIST :- ANGUL

Phone No - (06760) 240259 | E-Mail ID : e.o.talcher@gmail.com

No. 3926 / Dt. 11.11.25

**QUOTATION CALL NOTICE**

Sealed Quotations are invited from the intending from contractor / fabricator/ manufacturer / authorized dealer for **"Supplying fitting fixing of Stainless-steel Sign Board for identification of specific area from Ward.No.-17 to Ward No.-21 of Talcher Municipality".** The prescribed quotation schedule can be obtained from the Engineer Section of Talcher Municipality on payment of Rs.2,000/- (Rupees Two Thousand) only (non-refundable) in shape of cash of Executive Officer, Talcher Municipality from date **11.11.2025** to date **18.11.2025** up to **5.00 PM.** during office hour except holidays.

The quotation paper along with registration certificate, GST, Pan, Experience Certificate and other related documents should reach the undersigned by person on or before **date 19.11.2025** up to 1.30 PM. and this office will in no way, be responsible for any delay in receipt of the quotation documents. The quotation will be opened on the same date at 3.00 PM in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

Executive Officer
Talcher Municipality

## ଡିଏଭି ପୋଖରୀପୁଟରେ ସହୋଦୟ ସ୍କୁଲ କମ୍ପ୍ଲେକ୍ସ ବିଜ୍ଞାନ ମେଳା ଅନୁଷ୍ଠିତ




ଭୁବନେଶ୍ୱର(ପି.ଏନ): ସହୋଦୟ ସ୍କୁଲ କମ୍ପ୍ଲେକ୍ସ ବିଜ୍ଞାନ ମେଳା ଡିଏଭି ପୋଖରୀପୁଟରେ ଅନୁଷ୍ଠିତ ହୋଇଯାଇଛି । ଆଇଜର ବ୍ରହ୍ମପୁରର ଏକାଡେମିକ୍ ଡିନ୍ ପ୍ରଫେସର ପ୍ରସେନଜିତ୍ ମଣ୍ଡଳ ମୁଖ୍ୟଅତିଥି ରୂପେ ଯୋଗଦାନ କରି ଉକ୍ତ ମେଳାକୁ ଉଦ୍?ଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ଏବଂ ବିଜ୍ଞାନ ପ୍ରତି ଆଗ୍ରହ ବୃଦ୍ଧି କରିବାରେ ଏହିଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ସେ ନିଜର ଅଭିଭାଷଣରେ କହିଥିଲେ । ଏହି ପ୍ରଦର୍ଶନୀରେ ଓଡ଼ିଶାର ୩୪ ସ୍କୁଲର ୬୫ ଟି ପ୍ରକଳ୍ପରେ ୧୨୮ ଜଣ ଛାତ୍ରଛାତ୍ରୀ ଭାଗନେଇ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ବିଜ୍ଞାନ, ସମାଜ ଓ ପରିବେଶ ଉପରେ ଆଧାରିତ ଥିଲା ଏହି ପ୍ରଦର୍ଶନୀ । ଡିଏଭି ଓଡ଼ିଶା ଜୋନ୍ ଏଫ୍ ର ସହ ଆଂଚଳିକ ଅଧିକାରୀ ତଥା ଡିଏଭି ପୋଖରୀପୁଟର ଅଧ୍ୟକ୍ଷ ବିପିନ କୁମାର ସାହୁ ଅନୁଭବାତ୍ମକ ଶିକ୍ଷା ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କର ବୌଦ୍ଧିକ ବିକାଶ ଘଟି ପାରିବ ବୋଲି ମତ ପ୍ରକାଶ କରିଥିଲେ । ଏହି ପ୍ରକଳ୍ପଗୁଡ଼ିକୁ ନାଇଜରର ଆସୋସିଏଟ୍ ପ୍ରଫେସର ତପନ କୁମାର ମିଶ୍ର, ଟିସିଏସ୍ ଭୁବନେଶ୍ୱରର ହେମନ୍ତ ମିଶ୍ର, ସୋଆର ଆସୋସିଏଟ୍ ପ୍ରଫେସର ସୁପ୍ରଭ ରଞ୍ଜନ ଲାହା ଏବଂ ଇଞ୍ଜିନିୟର ଜାମି ଶ୍ରୀକାନ୍ତ ପାତ୍ର ପ୍ରମୁଖ ବିଚ଼ାରକ ରୂପେ ଅଂଶଗ୍ରହଣ କରି ପ୍ରତିଭା ସମ୍ପନ୍ନ ବିଦ୍ୟାର୍ଥୀଙ୍କ ପ୍ରକଳ୍ପଗୁଡ଼ିକୁ ମୂଲ୍ୟାୟନ କରିଥିଲେ । ଏହି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଡିଏଭି ପୋଖରୀପୁଟ ପ୍ରଥମସ୍ଥାନ ଅଧିକାର କରିଥବା ବେଳେ ସେ[ ଜାଭିୟର ସ୍କୁଲ ପଟିଆ, ଦ୍ୱିତୀୟସ୍ଥାନ ଏବଂ ଡିଏଭି ଚ଼ନ୍ଦ୍ରଶେଖରପୁର ତୃତୀୟସ୍ଥାନ ଅଧିକାର କରିଛନ୍ତି । ସେହିପରି ବରିଷ୍ଠ ବର୍ଗରେ ବିଜେଇମ୍-୨ ସତ୍ୟଭାମାପୁର ସ୍କୁଲ ପ୍ରଥମ, ଡିଏଭି ଚ଼ନ୍ଦ୍ରଶେଖରପୁର ଦ୍ୱିତୀୟ ଏବଂ ଡିଏଭି ୟୁନିଟ୍-୮ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଭବ୍ୟ କାର୍ଯ୍ୟକ୍ରମକୁ ବିଜ୍ଞାନ ବିଭାଗର ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ସାମଲ ସଂଯୋଜନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ଦାସ ଏହି ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

OFFICE OF THE MUNICIPAL COUNCIL, TALCHER
DIST :- ANGUL

Phone No - (06760) 240259 | E-Mail ID : e.o.talcher@gmail.com

No. 3923 / Dt. 11.11.25

**QUOTATION CALL NOTICE**

Sealed Quotations are invited from the intending from contractor / fabricator/ manufacturer / authorized dealer for **"Supplying fitting fixing of Stainless-steel Sign Board for identification of specific area from Ward.No.-08 to Ward No.-16 of Talcher Municipality".** The prescribed quotation schedule can be obtained from the Engineer Section of Talcher Municipality on payment of Rs.2,000/- (Rupees Two Thousand) only (non-refundable) in shape of cash of Executive Officer, Talcher Municipality from date **11.11.2025** to date **18.11.2025** up to **5.00 PM.** during office hour except holidays.

The quotation paper along with registration certificate, GST, Pan, Experience Certificate and other related documents should reach the undersigned by person on or before **date 19.11.2025** up to 1.30 PM. and this office will in no way, be responsible for any delay in receipt of the quotation documents. The quotation will be opened on the same date at 3.00 PM in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

Executive Officer
Talcher Municipality

OFFICE OF THE MUNICIPAL COUNCIL, TALCHER
DIST :- ANGUL

Phone No - (06760) 240259 | E-Mail ID : e.o.talcher@gmail.com

No. 3920 / Dt. 11.11.25

**QUOTATION CALL NOTICE**

Sealed Quotations are invited from the intending from contractor / fabricator/ manufacturer / authorized dealer for **"Supplying fitting fixing of Stainless-steel Sign Board for identification of specific area from Ward.No.-01 to Ward No.-07 of Talcher Municipality".** The prescribed quotation schedule can be obtained from the Engineer Section of Talcher Municipality on payment of Rs.2,000/- (Rupees Two Thousand) only (non-refundable) in shape of cash of Executive Officer, Talcher Municipality from date **11.11.2025** to date **18.11.2025** up to **5.00 PM.** during office hour except holidays.

The quotation paper along with registration certificate, GST, Pan, Experience Certificate and other related documents should reach the undersigned by person on or before **date 19.11.2025** up to 1.30 PM. and this office will in no way, be responsible for any delay in receipt of the quotation documents. The quotation will be opened on the same date at 3.00 PM in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

Executive Officer
Talcher Municipality

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ କାର୍ଯ୍ୟ ଚ଼ାପ ପରିଚ଼ାଳନା ଏବଂ ବଡିଗତ କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ସେମିନାର

ଭୁବନେଶ୍ୱର(ପି.ଏନ): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଆଜି ଏହାର ସଭାଗୃହ କକ୍ଷରେ ଅଧିକାରୀ ଏବଂ କର୍ମଚ଼ାରୀମାନଙ୍କ ପାଇଁ କାର୍ଯ୍ୟ ଚ଼ାପ ପରିଚ଼ାଳନା ଏବଂ ବୃତିଗତ କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ଏକ ଆଲୋଚ଼ନାଚ଼କ୍ର / ସେମିନାର ଆୟୋଜନ କରାଯାଇଥିଲା । ଏହି ସେମିନାରର ଉଦ୍ଦେଶ୍ୟ ଥିଲା ସୁରକ୍ଷିତ ରେଳ ପରିଚ଼ାଳନା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ ଚ଼ାପ ଓ ମାନସିକ ଚ଼ାପ ନିୟନ୍ତ୍ରଣ, ମାନସିକ ସୁସ୍ଥତା ଏବଂ ବୃତିଗତ ଦକ୍ଷତା ଉପରେ ସଚେତନତା ବୃଦ୍ଧି କରିବା । ବ୍ରହ୍ମାକୁମାରୀ ମୁଖ୍ୟାଳୟ, ମାଉ[ ଆବୁରୁର ପ୍ରସିଦ୍ଧ ପ୍ରେରଣାଦାୟକ ବକ୍ତା, ପ୍ରଶିକ୍ଷକ ଏବଂ ପରାମର୍ଶଦାତା ଡକ୍ଟର ଇ. ଭି. ସ୍ୱାମୀନାଥନ ଏହି ଅଧିବେଶନରେ ବକ୍ତା ଭାବରେ ଯୋଗଦାନ କରିଥିଲେ । ବିଭିନ୍ନ ସଂଗଠନରେ ତାଙ୍କର ଚ଼ିନ୍ତନାତ୍ମକ ବକ୍ତୃତା ପାଇଁ ଜଣାଶୁଣା ଡକ୍ଟର ଇ. ଭି. ସ୍ୱାମୀନାଥନ '୩ ଽ ସହିତ ଚ଼ାପ ପରିଚ଼ାଳନା - ସ୍ପିଡ଼ ବା ଗତି, ସେଫଟି ବା ସୁରକ୍ଷା ଏବଂ ସ୍ପିରିଚୁଆଲିଟି ବା ଆଧ୍ୟାତ୍ମିକତା' ଉପରେ ବିସ୍ତୃତ ଭାବରେ ବକ୍ତବ୍ୟ ରଖିଥିଲେ । ସେ ବ୍ରହ୍ମାକୁମାରୀ ସଂଗଠନ ସହିତ ଜଡିତ, ଯାହା ବିଶ୍ୱର ସର୍ବବୃହତ ଆଧ୍ୟାତ୍ମିକ ସଂଗଠନ ୧୧୦ ଟି ଦେଶରେ ବିସ୍ତାରିତ ଏବଂ ଏହି ସଂଗଠନ ଧର୍ମନିରପେକ୍ଷ ଭାବନା ଏବଂ ଭାରତୀୟ ସମ୍ବିଧାନର ପ୍ରକୃତ ଆତ୍ମାକୁ ପ୍ରୋତ୍ସାହିତ କରି ଧର୍ମ ବାହାରେ ଆଧ୍ୟାତ୍ମିକ ଜ୍ଞାନକୁ ପ୍ରୋତ୍ସାହିତ କରୁଛି । ଡକ୍ଟର ଇ. ଭି. ସ୍ୱାମୀନାଥନଙ୍କ ଅଭିଭାଷଣ ସମୟରେ, ସେ ଜୋର ଦେଇ କହିଥିଲେ ଯେ 'ଆମର ଆଚ଼ରଣ ହେଉଛି ଆମର ସୁରକ୍ଷା', ଉଚ୍ଚ଼ ଚ଼ାପପୂର୍ଣ୍ଣ କାର୍ଯ୍ୟ ପରିବେଶରେ ସୁରକ୍ଷା ବଜାୟ ରଖିବାରେ ମନନଶୀଳତା, ଭାବପ୍ରବଣ ସନ୍ତୁଳନ ଏବଂ ଆତ୍ମ-ସଚେତନତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray